## ସରକାରୀ ଜମିରୁ ମାଟି ଉଠାଣକୁ କେନ୍ଦ୍ରକରି ହତ୍ୟା

ଗୋପ,୨୫।୧(ସମିସ): ସରକାରୀ ଜମିରୁ ବେଆଇନ ମାଟି ଉଠାଣକୁ କେନ୍ଦ୍ରକରି ଗୋପ ଥାନା ଅଧୀନ ଅଣ୍ଟରାଇଛାପୁର ପଞ୍ଚାୟତ ପୋଇତରା ଗ୍ରାମରେ ଘଟିଛି ହତ୍ୟାକାଣ୍ଡ। ମୁଖ୍ୟ ଅଭିଯୁକ୍ତ ତଥା ସ୍କୁଲ ପିଅନ ପ୍ରସନ୍ନ ପ୍ରଧାନ ଓ କିଛି ଅଭିଯୁକ୍ତ ସେହି ଗ୍ରାମର ରମଣୀ ରଞ୍ଜନ ପଟ୍ଟନାୟକଙ୍କୁ କ୍ରିକେଟ ବ୍ୟାଟ୍‌ରେ ଶୁକ୍ରବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ କରିଥିବାବେଳେ ଶନିବାର ରାମଣୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ହତ୍ୟା ମାମଲା ରୁଜୁ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅପରପକ୍ଷେ ଏହି ଘଟଣାରେ ସମିତିସଭ୍ୟ ଓ ତାଙ୍କର ଦୁଇପୁଅ ସମ୍ପୃକ୍ତି ଥିବା ସାନଭାଇ ରମାରମଣ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଗୋପ ଥାନା ଅଧୀନ ପୋଇତରା ଗ୍ରାମ ନିକଟରେ ଥିବା ଏକ ସରକାରୀ ଜମିରୁ ମାଟି ଉଠୁଥିବାବେଳେ ଏହାକୁ କେତେକ ରାଜନୈତିକ ବ୍ୟକ୍ତି ସମର୍ଥନ କରିଥିଲେ। ଏହି ଘଟଣାକୁ ନେଇ ରମଣୀ ରଞ୍ଜନ ପଟ୍ଟନାୟକ ଓ ପ୍ରସନ୍ନ ପ୍ରଧାନଙ୍କ ମଧ୍ୟରେ ଶୁକ୍ରବାର ରାତି ୯ଟାରେ ବଚସା ହୋଇଥିଲା। ପରେ ରମଣୀ ବଜାରକୁ ଯାଇ ଫେରିବା ସମୟରେ ଅଭିଯୁକ୍ତ ପ୍ରସନ୍ନ ଓ ତାଙ୍କ ପୁଅ ସୂର୍ଯ୍ୟ ପଛପଟୁ ଏକ କ୍ରିକେଟ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ପରେ ଗ୍ରାମର କିଛି ଲୋକ ଓ ସାନଭାଇ ରମାରମଣ ପଟ୍ଟନାୟକଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୁଇ ଭାଇଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍‌ସ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାମଣୀଙ୍କର ମୃତ୍ୟୁ ହୋଇଥିଲା। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସାନଭାଇ ରମାରମଣ ପଟ୍ଟନାୟକ ଏହି ହତ୍ୟାକାଣ୍ଡରେ ସ୍କୁଲ ପିଅନ ପ୍ରସନ୍ନ ପ୍ରଧାନ, ତାଙ୍କ ପୁଅ ସୂର୍ଯ୍ୟକାନ୍ତ ପ୍ରଧାନ, ସମିତିସଭ୍ୟ ଅଶ୍ୱନୀ ପଟ୍ଟନାୟକ, ତାଙ୍କ ପୁଅ ଶିବ ଓ ଲିଟୁ ସମ୍ପୃକ୍ତ ଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ବିଭିନ୍ନ ତଥ୍ୟ ପ୍ରମାଣକୁ ଆଧାର କରି ତଦନ୍ତ ଜାରି ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିଆରୀ ସୂଚନା ଦେଇଛନ୍ତି।

## ବଡ଼ଗୋଠ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



କଣାସ,୨୫।୧(ସମିସ): କଣାସ ବ୍ଲକ୍ ଶେଷସୀମା ଚିଲିକା ଉପକୂଳ ବଡ଼ଗୋଠଠାରେ ଦୟା, ଲୁଣା ଓ ଭାର୍ଗବୀ ନଦୀର ତ୍ରିବେଣୀ ସଙ୍ଗମସ୍ଥଳରେ ରବିବାର କଣାସ ଓ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ବୁଡ଼ ପକାଇ ତ୍ରିବେଣୀ ତୁଠରେ ଧୂପଦୀପ ଦେଇ ସୂର୍ଯ୍ୟ ଉପାସନା କରିଥିଲେ। ସେଠାରେ ଠାକୁର ଅନନ୍ତ ନାରାୟଣ, ଯୋଗମାୟା, ଶ୍ରୀଜଗନ୍ନାଥ ଚତୁର୍ଥା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ତ୍ରିବେଣୀ ବୁଡ଼ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ଅର୍କକ୍ଷେତ୍ରରେ ଉତ୍କଳ ପାଲା ମହୋତ୍ସବ

କୋଣାର୍କ,୨୫।୧(ସମିସ): ଅର୍କକ୍ଷେତ୍ରର କୋଣାର୍କ ନାଟ୍ୟ ମଣ୍ଡପଠାରେ ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା ଓ ତାଲିମ କେନ୍ଦ୍ର ପକ୍ଷରୁ ଉତ୍କଳ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ନୀଳାଚଳ ନିର୍ମୂଳୋତ୍କଳ ପାଲା ଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନାଙ୍କ ଅଧ୍ୟକ୍ଷତାରେ ପାଲା ଗବେଷଣା ଓ ତାଲିମ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଡ. ରବିନାରାୟଣ ପଣ୍ଡା,



ମୁଖ୍ୟବକ୍ତାଭାବେ ପଦ୍ମନାଭ ସେଠୀ, ସମ୍ମାନିତ ଅତିଥିଭାବେ ସୁଦର୍ଶନ ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପଟ୍ଟନାୟକ, ମନୋଜ ମିଶ୍ର, ନିରୋଜ ଦାସ, ଗଦାଧର ଦାସ, ସନ୍ତୋଷ ମହାପାତ୍ର, ଜ୍ୟୋସ୍ନାରାଣୀ ଦାସ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ପାଲା ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ ଓ ଗାୟକ ଚକ୍ରବର୍ତ୍ତୀ ବିଜୟ କୁମାର ଘୋଷଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା ଏବଂ ଗାୟକ ଗୁରୁ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଗୁରୁ ପ୍ରଣାମୀ ପ୍ରଦାନ କରାଯାଇଥିଲା। ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଶିକ୍ଷାବିତ୍ ରବୀନ୍ଦ୍ର ନାଥଙ୍କ ପରଲୋକ



ଗୋପ,୨୫।୧(ସମିସ): ଗୋପ ବ୍ଲକ୍ ପୟରାସ୍ଥିତ ବାସଭବନରେ ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ନାୟକଙ୍କ ଦେହାନ୍ତ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ୨୦୦୬ରେ ସେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରୁ ଅବସର ନେବା ପରେ ଜଟଣୀଠାରେ ସ୍ଥାପିତ ଜାତୀୟ ବିଜ୍ଞାନ ଓ ଗବେଷଣା ଅନୁଷ୍ଠାନ (ନାଇଜର) ପ୍ରତିଷ୍ଠା ଦିଗରେ ଉଲ୍ଲେଖନୀୟ ଯୋଗଦାନ କରିଥିଲେ। ସେଠାରେ ମଧ୍ୟ କିଛିବର୍ଷ ଭିଜିଟିଂ ପ୍ରଫେସର ରହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିଲେ। ଶେଷ ଜୀବନ ଶ୍ରୀ ନାୟକ ନିଜ ପୈତୃକ ଗ୍ରାମରେ ଅତିବାହିତ କରୁଥିଲେ। ସେ ଜଣେ ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କର ପତ୍ନୀ ମିନତି, କନ୍ୟା ସୁଇଡେନ୍‌ରେ କାର୍ଯ୍ୟରତ ଜୀବ ବିଜ୍ଞାନୀ ଶୁଶ୍ରୁଷା ନାୟକ ଓ ପୁତ୍ର ଇଂ ଅଭିଷେକ ନାୟକ ଅଛନ୍ତି। ତାଙ୍କ ବିୟୋଗରେ ଗୋପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କିଡ୍‌ନୀ ଆକ୍ରାନ୍ତ ମେଧାବୀ ଛାତ୍ରଙ୍କୁ ସହାୟତା

ଅସ୍ତରଙ୍ଗ,୨୫।୧(ସମିସ): ଅସ୍ତରଙ୍ଗ ବ୍ଲକ୍ ରାମଚନ୍ଦ୍ରପୁର ଗ୍ରାମର ପଞ୍ଚାନନ ସ୍ୱାଇଁଙ୍କ ପୁଅ ଦଶମ ଶ୍ରେଣୀର ମେଧାବୀ ଛାତ୍ର ସତ୍ୟପ୍ରକାଶ ସ୍ୱାଇଁ ଗତ କିଛିଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏ ସମ୍ପର୍କରେ ଖବର ପାଇ ପାରାଦ୍ୱୀପରେ ଅବସ୍ଥାନ କରୁଥିବା ଷ୍ଟାର୍ ୱାନ୍ ସିକ୍ୟୁରିଟିର ପରିଚାଳନା ନିର୍ଦ୍ଦେଶକ ତଥା ଅସ୍ତରଙ୍ଗ ବ୍ଲକ୍ ପାଇଖଳା ଗ୍ରାମର ସମାଜସେବୀ ସୁମନ୍ତ ସ୍ୱାଇଁ ରବିବାର ସନ୍ଧ୍ୟାରେ ସତ୍ୟପ୍ରକାଶଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ତାଙ୍କ ପିତାମାତାଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ସତ୍ୟପ୍ରକାଶଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଥିବାବେଳେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ସହ ଗୋଟିଏ ଗୋଡ଼ ମଧ୍ୟ ଭାଙ୍ଗିଯାଇଛି। ଯାହାଦ୍ୱାରା ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି।



## ପ୍ରଫେସର ବୁଦ୍ଧେଶ୍ୱର ଷଡ଼ଙ୍ଗୀଙ୍କୁ ବାଗ୍‌ଦେବୀ ସମ୍ମାନ

ପୁରୀ,୨୫।୧(ସମିସ): ପୁରୀର ଜାତୀୟ ଗବେଷଣା କେନ୍ଦ୍ର କେଶବ ସୁଭଦ୍ରା ପ୍ରତିଷ୍ଠାନ ପକ୍ଷରୁ ୫ ଜଣଙ୍କୁ ମୌଳିକ କୃତି ପାଇଁ ବାଗ୍‌ଦେବୀ ସମ୍ମାନ ପ୍ରଦାନ କରାଯାଇଛି। ନିଜ ଅଳଙ୍କାର ଶାସ୍ତ୍ରୀୟ ଗ୍ରନ୍ଥ ରସଭାବ ବିମର୍ଶ ପାଇଁ ଆଚାର୍ଯ୍ୟ ବୁଦ୍ଧେଶ୍ୱର ଷଡ଼ଙ୍ଗୀଙ୍କୁ ବାଗ୍‌ଦେବୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସଂସ୍କୃତି ଭବନରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ତାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ମାଟିର ଗୌରବ ତଥା ଭାରତର ସଂସ୍କୃତ ଜଗତର ପରିଚିତ ପ୍ରତିଭା ବୁଦ୍ଧେଶ୍ୱର ଷଡ଼ଙ୍ଗୀ ରାଷ୍ଟ୍ରପତି ସମ୍ମାନ, ଆଧୁନିକ କାଳିଦାସ ସମ୍ମାନ, ଗୁରୁକୁଳ ସମ୍ମାନ ଆଦି ଅନେକ ପୁରସ୍କାର ପାଇଛନ୍ତି। ନିଜ ସାରସ୍ୱତ ଗ୍ରନ୍ଥ ମଧ୍ୟରେ ଋଷିବୋଧ, ମର୍ତ୍ତ୍ୟ ବୈକୁଣ୍ଠ ମହାକାବ୍ୟ, ଶ୍ରୀକ୍ଷେତ୍ର ଲୀଳାମୃତ ମହାକାବ୍ୟ, ଶାନ୍ତି ଦୂତ, ମହାପ୍ରସାଦ ଶତକ, ଦେବୀ ଶତକ, ସରିତ୍ ସ୍ତୁତିଧାରା, କାବ୍ୟ ପ୍ରକାଶ ସମୀକ୍ଷା, ସାହିତ୍ୟ ସୁଧା, ମଧୁସ୍ୱନ ପ୍ରଭୃତି ଗ୍ରନ୍ଥ ପ୍ରଶଂସା ଯୋଗ୍ୟ। ଆଚାର୍ଯ୍ୟ ଷଡ଼ଙ୍ଗୀ ଏବେ ମଣିପୁର ରାଜ୍ୟର ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ।



## ମତଦାନ ଦିବସ ପାଳିତ
# ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ମତଦାନ




ପୁରୀ,୨୫।୧(ସମିସ): ଭାରତ ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହାକୁ ନିଜର ମତଦାନ ଦ୍ୱାରା ସମୃଦ୍ଧ କରାଯାଇପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ରବିବାର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମତଦାତାର ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ

- ଜିଲ୍ଲାରେ ୧୪,୩୪,୭୬୭ ଭୋଟର
- ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨୩,୭୩୯

ଆଲୋକପାତ କରିଥିଲେ। ବର୍ତ୍ତମାନ ବୈଷୟିକ ଜ୍ଞାନ, ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଶୃଙ୍ଖଳିତ କରାଯାଇ ପାରିଛି ବୋଲି କହିବା ସହ ସୁଦୃଢ଼ ଗଣତନ୍ତ୍ର ପାଇଁ ସମସ୍ତେ ମତଦାନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ନିର୍ବାଚନ ଏକ ସାମୂହିକ କାର୍ଯ୍ୟକ୍ରମ। ଏହାକୁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ସହ ପରିଚାଳନା କରିବା ସମ୍ପର୍କରେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ ପ୍ରମୁଖ ଯୋଗଦେଇ ମତଦାନ ଗଣତନ୍ତ୍ରର ଏକ ମହାପର୍ବ। ଏଥିରେ ସମସ୍ତେ ନିଶ୍ଚିତ ସାମିଲ୍ ହେବାକୁ ଅନୁରୋଧ କରିଥିଲେ।

ଜିଲ୍ଲାରେ ପୂର୍ବରୁ ୧୪ ଲକ୍ଷ ୨୬ ହଜାର ୨୫୬ ଭୋଟର ଥିବାବେଳେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପରେ ୨୦୨୬ ଜାନୁଆରୀ ୨୪ ପର୍ଯ୍ୟନ୍ତ ୮,୫୧୧ ବୃଦ୍ଧି ପାଇ ୧୪ ଲକ୍ଷ ୩୪ ହଜାର ୭୬୭ରେ ପହଞ୍ଚିଛି। ସେହିପରି ପୂର୍ବାପେକ୍ଷା ୧୮ରୁ ୧୯ ବର୍ଷ ଭୋଟରଙ୍କ ସଂଖ୍ୟା ୩,୦୯୭ ବଢ଼ି ୨୩ ହଜାର ୭୩୯ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ଗତ ନିର୍ବାଚନରେ ସଫଳ ନିର୍ବାଚନ ପରିଚାଳନା ଓ ଯୁବ ଭୋଟରମାନଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ସଚେତନତା ପାଇଁ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଅତିରିକ୍ତ ରିଟର୍ଣ୍ଣିଂ ଅଧିକାରୀ ନିମାପଡ଼ା ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପାଇଁ କଣାସ ବିଡିଓଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନୂତନ ଭୋଟରମାନଙ୍କୁ ଅତିଥିଙ୍କ ଦ୍ୱାରା ଭୋଟର ପରିଚୟ ପତ୍ର ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ପାଇଁ ବିଏଲ୍‌ଓ, ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା ସହ ସମସ୍ତଙ୍କୁ ମତଦାନ ପାଇଁ ସାମୂହିକ ସଂକଳ୍ପ ପାଠ କରାଇଥିଲେ। ଶେଷରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଏକ ଭୋଟର ସଚେତନତା ଶୋଭାଯାତ୍ରା ଗାନ୍ଧୀ ଘାଟଠାରୁ ବାହାରି ସୁଭାଷ ବୋଷ ଛକ, ୱାଇଲ୍ଡ ଗ୍ରାସ୍, ଟାଉନ ହଲ୍ ଛକ ଦେଇ ସଦ୍‌ଭାବନା ସଭାଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

■ ଭଡ଼ା ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର
## 'ମୋ ପୁଅକୁ ବୋହୂ ଓ ଶଶୁର ଘର ଲୋକେ ମାରିଦେଇଛନ୍ତି'



କଣାସ,୨୫।୧(ସମିସ): କଣାସ ବ୍ଲକ୍ ଦିବ୍ୟସିଂହପୁର ପଞ୍ଚାୟତ ତରତୁଆ ଗ୍ରାମର କୃପାସିନ୍ଧୁ ମହାରଣା (୨୩)ଙ୍କ ମୃତଦେହକୁ ପେଟ୍ରୋଲ ଟାଙ୍କି ନିକଟର ରହୁଥିବା ଭଡ଼ା ଘରୁ ଗଡ଼ିଶାଗୋଦା ପୁଲିସ ରବିବାର ଜବତ କରିଥିବା ଜଣାପଡ଼ିଛି। ବୋହୂ ଓ ଶଶୁର ଘର ଲୋକେ କୃପାସିନ୍ଧୁଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ମାଆ ଶାନ୍ତିଲତା ମହାରଣା ଥାନାରେ ଅଭଯୋଗ କରିଛନ୍ତି। ଅନ୍ୟପକ୍ଷରେ କୃପାସିନ୍ଧୁ ଆତ୍ମହତ୍ୟା କରିଥିବା ତାଙ୍କ ପତ୍ନୀ ସୋନାଲି ଅଭିଯୋଗ କରିଛନ୍ତି। ଖବର ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦଶ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ପରୀକ୍ଷାନିରୀକ୍ଷା କରି ଫେରିଯାଇଛନ୍ତି।

କୃପାସିନ୍ଧୁଙ୍କ ମାଆ ଶାନ୍ତିଲତାଙ୍କ ଅଭିଯୋଗ ଅନୁସାରେ, ପୁଅ ୫ ବର୍ଷ ତଳେ ସୋନାଲୀଙ୍କୁ ବିବାହ କରିଥିଲେ। ବିବାହ ଦିନଠାରୁ କୃପାସିନ୍ଧୁ ବୃଦ୍ଧ ରୋଗିଣା ପିତା-ମାତାଙ୍କୁ ଘରେ ଛାଡ଼ି ବଳୁ ତେଲ ଟାଙ୍କି ନିକଟର ଏକ ଭଡ଼ା ଘରେ ସ୍ତ୍ରୀକୁ ଧରି ରହୁଥିଲେ। ତାଙ୍କର ଏକ ୧୮ ମାସର ପୁତ୍ର ସନ୍ତାନ ଅଛି। କୃପାସିନ୍ଧୁ ଦୁଇ ମାସ ହେଲେ ନିଜ ପରିବାର ପ୍ରତିପୋଷଣ ପାଇଁ ବଲାଙ୍ଗିର ଯାଇ କାମ କରୁଥିଲେ। ଶନିବାର ସକାଳୁ ବଲାଙ୍ଗିରରୁ ଆସି ଭଡ଼ା ଘରେ ପହଞ୍ଚିଥିଲେ। ରାତି ୧୨ଟାରେ ବୋହୂ ସୋନାଲୀ ଶାଶୁଙ୍କୁ ଫୋନ୍ ଯୋଗେ ଜଣାଇଲେ ତମ ପୁଅ ବିଷ ଖାଇ ଗରଳ ବାହାରୁଚି। କୃପାସିନ୍ଧୁଙ୍କ ମାଆ ଖବର ପାଇ ପୁତୁରା ଓ ଝିଅକୁ ଆଣି ରହୁଥିବା ଭଡ଼ାଘରେ ପହଞ୍ଚି ଦେଖନ୍ତି ତ ଗୋଟେ ଲୁଗା ଫ୍ୟାନ୍‌ରେ ତଳକୁ ଝୁଲୁଛି। ପୁଅ କୃପାସିନ୍ଧୁ ତଳେ ଚଟାଣରେ ଶୋଇଛି। ବୋହୂକୁ ପଚାରିଲେ ତୁ ତ କହିଲୁ ବିଷ ଖାଇଛି, କିନ୍ତୁ ବର୍ତ୍ତମାନ କହୁଚୁ ଫ୍ୟାନ୍‌ରେ ଆତ୍ମହତ୍ୟା କରିଛନ୍ତି। ବୋହୂର ଦୁଇ ପ୍ରକାର କଥାକୁ ନେଇ କୃପାସିନ୍ଧୁ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ ମୋ ପୁଅକୁ ବୋହୂ ଓ ତା' ପରିବାର ଲୋକ ମାରିଦେଇଥିବା କୃପାସିନ୍ଧୁଙ୍କ ମାଆ ଗଡ଼ିଶାଗୋଦା ଥାନାରେ ଅଭଯୋଗ କରିଛନ୍ତି। ପୁଲିସ କେସ୍ ନଂ ୯/୨୦୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ତଦନ୍ତ ଜାରି ରଖିଛି।

## ଆବାସ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ବୃଦ୍ଧା



କୃଷ୍ଣପ୍ରସାଦ,୨୫।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଗୋପିନାଥପୁର ଗ୍ରାମ ପଞ୍ଚାୟତର ଗୋପିନାଥପୁର ଗ୍ରାମର କେଦାର ବେହେରା (୭୧) ଜଣେ ୬୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବାବେଳେ ଆବାସ ଯୋଜନାରେ ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଯଦି ଭିନ୍ନକ୍ଷମ ଓ ବୃଦ୍ଧ ଲୋକ ନ୍ୟାୟ ପାଉନାହାନ୍ତି ତେବେ ଯୋଜନାର ଉଦ୍ଦେଶ୍ୟ କ'ଣ? ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହେଉଛି।

## ଶରତ ଚନ୍ଦ୍ର ଓ ବିନୟ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନିମାପଡ଼ା,୨୫।୧(ସମିସ): ସ୍ଥାନୀୟ ଧଳେଶ୍ୱର ଖେଳ ପଡ଼ିଆରେ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫୨ତମ ସଂସ୍କରଣ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅବସରପ୍ରାପ୍ତ ଅନୁଶାସନ ସଚିବ ସୁଧୀରଞ୍ଜନ ବରାଳ, ଯୁବ ବ୍ୟବସାୟୀ ଚିତ୍ତରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ବରାଳ ଓ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ଦେବେନ୍ଦ୍ର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡେଣୁଆ କ୍ରିକେଟ କ୍ଲବ୍ ଓ ଚାଉଳବସ୍ତ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଡେଣୁଆ ନିର୍ଦ୍ଧାରିତ ୨୦ ଓଭରରେ ୧୩୯ ରନ୍ କରିଥିଲା। ଚାଉଳବସ୍ତ ଟିମ୍ ୧୪.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ପ୍ରଥମ ଦଳ ଭାବରେ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ବିଜେତା ଦଳର ଚନ୍ଦନ ୩୦ଟି ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେଲେ। ସୁକାନ୍ତ ଦାସ ଓ ସୁବାସ ଦାସ ମ୍ୟାଚ୍ ପରିଚାଳନା କରୁଥିବାବେଳେ କାହ୍ନା ଓ ପ୍ରସନ୍ନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଲାଲଟୁ, କାଳୁ, ବାବୁନି, ବିଶାଳ ପ୍ରମୁଖ ମ୍ୟାଚ୍ ପରିଚାଳନା କରୁଥିଲେ।

## ଜଟଣୀକୁ ହରାଇ ପୁରୀ ପାୟୋନିୟର୍ସ ଚାମ୍ପିଅନ

ସାକ୍ଷୀଗୋପାଳ,୨୫।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍, ସାକ୍ଷୀଗୋପାଳ ତରଫରୁ ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର ଉଦ୍‌ଯାପନୀ ଦିବସରେ ଜଟଣୀ କ୍ରିକେଟ ଆସୋସିଏସନ୍ ଓ ପୁରୀ ପାୟୋନିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।




ଏହି ମ୍ୟାଚ୍‌ରେ ପୁରୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ବିଶାଳ ରଞ୍ଜନ ଜେନାଙ୍କ ୭୯, ଦେବାଶିଷ ଦାସ ୫୦ ଓ ମୟଙ୍କ ପଟ୍ଟନାୟକଙ୍କ ୪୬ ରନ୍ ସହାୟତାରେ ୭ ୱିକେଟ ବିନିମୟରେ ୨୬୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜଟଣୀ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୨୩୦ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ। ପୁରୀ ପାୟୋନିୟର୍ସ ଦଳ ୩୧ ରନ୍‌ରେ ବିଜୟ ହାସଲ କରି ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ମେମୋରିଆଲ କପ୍ ହାସଲ କରିଥିଲେ। ମ୍ୟାଚ୍‌କୁ ଦେବ ମିଶ୍ର ଓ ସତ୍ୟ ସାଗର ଦାଶ ପରିଚାଳନା କରିଥିଲେ। ପୁରୀ ଏକାଦଶର ମହେଶ ପ୍ରଧାନଙ୍କୁ ତାଙ୍କର ଆକର୍ଷଣୀୟ ବୋଲିଂ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓ ପୁରୀ ପାୟୋନିୟର୍ସ କ୍ଲବ୍‌ର ମୟଙ୍କ ପଟ୍ଟନାୟକ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପାଇଥିଲେ। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇ ଫାଇନାଲ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ପୁରୀ ଦଳକୁ ଟ୍ରଫି ସହ ନଗଦ ୨୫୦୦୦ ଟଙ୍କା ଓ ରନର୍ସ ଅପ୍ ଜଟଣୀ ଦଳକୁ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ଟ୍ରଫି ସହ ୧୫୦୦୦ ଟଙ୍କା ପ୍ରଦାନ କରିଥିଲେ।

## କନ୍ତପଏଁରା ଧାନ ମଣ୍ଡି ଉଦ୍‌ଘାଟିତ

ଅସ୍ତରଙ୍ଗ,୨୫।୧(ସମିସ): ଅସ୍ତରଙ୍ଗ ବ୍ଲକ୍‌ରେ ବିଭିନ୍ନ ସମିତିରେ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ ହେଉଥିବାବେଳେ ଶନିବାର ଅସ୍ତରଙ୍ଗ ବ୍ଲକ୍ କନ୍ତପଏଁରା ସେବା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟନ ହୋଇଛି। ସୋସାଇଟି ସମ୍ପାଦକ ମନୋଜ ବେହେରାଙ୍କ ନେତୃତ୍ୱରେ ଏହି ଉତ୍ସବରେ ନିର୍ଦ୍ଦେଶକ କୁଞ୍ଜବିହାରୀ ପ୍ରଧାନ, ସୁପରଭାଇଜର ଚନ୍ଦନ ବାରିକ, କ୍ୱାଲିଟି ଟେଷ୍ଟ ଅଫିସର ବିଜୟ ବିଶ୍ୱାଳ, ଚାଷୀ ଦିଲ୍ଲୀପ ପ୍ରଧାନ, ବିପିନ ବିହାରୀ ଜେନା, ପବିତ୍ର ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିଧିମତେ ମଣ୍ଡି ପୂଜା ହେବା ପରେ ଏଠାରୁ ସମୁଦାୟ ୧୨ ଜଣ ଚାଷୀଙ୍କଠାରୁ ୫୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି।

## ବାବା ଚଉବରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



କୃଷ୍ଣପ୍ରସାଦ,୨୫।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସାତପଡ଼ା ପଞ୍ଚାୟତର ଆଲୁପାଟଣା ଗ୍ରାମ ବଙ୍ଗୋପସାଗର ସନ୍ନିକଟ ଚିଲିକା ତଟଦେଶରେ ଅବସ୍ଥିତ ବାବା ଚଉବରଙ୍କ ୭୨ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଛି। ଜଗତ କଲ୍ୟାଣ ନିମିତ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ୨୧ ଜଣ ବିଦ୍ୱାନ ପଣ୍ଡିତ ଯୋଗଦେଇ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ପାଲା, ଭଜନ ସମାରୋହ, ରାମ ନାଟକ ପରିବେଷଣ କରାଯାଉଛି। ତତ୍‌ସହିତ ଭାଗବତ ସପ୍ତାଙ୍ଗ ଅନୁଷ୍ଠିତ ହେଉଛି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମ୍ୟ କମିଟି ସୂତ୍ରରୁ ଜଣାପଡ଼ିଛି। ଭକ୍ତଙ୍କ ସମାଗମରେ ବାବା ଚଉବରଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଛି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଚାରିଛକ/ନିମାପଡ଼ା,୨୫।୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର




୪୩ତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେବି କଲେଜ (ଭୁବନେଶ୍ୱର) ଇତିହାସ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ବିନୋଦିନୀ ଦାସ, ମୁଖ୍ୟବକ୍ତା ଭାବେ ଉକ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ନାରୀ ଶକ୍ତିର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜ ଗଠନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ନାରୀ, ତେଣୁ ଛାତ୍ରୀମାନଙ୍କୁ ଶିକ୍ଷାରେ ମନୋନିବେଶ କରି ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିବା ସହିତ ନିଜ ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ମୁଖ୍ୟଅତିଥି ପ୍ରଫେସର ଦାସ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ପ୍ରାଚୀ ସୌମ୍ୟା' ଉନ୍ମୋଚନ ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଟ୍ରଷ୍ଟ ତରଫରୁ କଲେଜର ୧୬ଜଣ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ୨୦ରୁ ଊର୍ଦ୍ଧ୍ୱ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ କଲେଜର ପ୍ରତିଷ୍ଠାତା ସଦସ୍ୟ ସନାତନ ପାତ୍ର, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୂରଲୀଧର ଭାରତୀ, ସମାଜସେବୀ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ମଧୁମିତା ଦେଇ ଓ ଇତିଶ୍ରୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



୨୫/୧/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୮ ୯,୦୧୦/-
ସୁନା:୦୬.୩୦୦ ଗ୍ରାମ୍
ରୁପା: ୯୫.୫୦୦ ଗ୍ରାମ୍



## ଯୁବକଙ୍କୁ ହତ୍ୟା ଘଟଣା

# ସିନ୍ ରିକ୍ରିଏସନ କଲା ଅଭିଯୁକ୍ତ



ପୁରୀ,୨୫।୧(ସମିସ): ଟାଉନ ଥାନା ଅନ୍ତର୍ଗତ ଏସ୍‌ସିଏସ୍ କଲେଜ ଛକ ନିକଟରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ସ୍ଥାନୀୟ ଏକ ହୋଟେଲରେ କାମ କରୁଥିବା ବାଲେଶ୍ୱର ଜିଲ୍ଲାର ଟୁକୁ ଓରଫ ସ୍ମାରକ ସିଂଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଗୁନା ଓରଫ ଅଜିତ୍ ମହାପାତ୍ରକୁ ଗିରଫ କରିଥିବାବେଳେ ରବିବାର ହତ୍ୟାର ସିନ୍ ରିକ୍ରିଏସନ୍ କରିଛି ଅଭିଯୁକ୍ତ। ଶୁକ୍ରବାର ରାତିରେ କେମିତି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ସେ କିପରି ଟୁକୁକୁ ହତ୍ୟା କରିଥିଲା ଘଟଣାସ୍ଥଳକୁ ଯାଇ ପୁଲିସ ଆଗରେ ସବୁ କହିଛି।

ଏହି ହତ୍ୟାକାଣ୍ଡକୁ ନେଇ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଶନିବାର ସକାଳେ ପୁଲିସକୁ ଖବର ଆସିଥିଲା କି କଲେଜ ଛକ ନିକଟରେ ଥିବା ଏକ ଫୁଲ ଦୋକାନଠାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଛି। ଯିଏକି ପାଖରେ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଖବର ପାଇ ତୁରନ୍ତ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଅଜିତ୍ ଉପରେ ସନ୍ଦେହ ହେବାରୁ ତାଙ୍କ ଭଡ଼ା ଘରେ ଚଢ଼ଉ ହୋଇଥିଲା। ମାତ୍ର ସେ ଫେରାର୍ ହୋଇଯାଇଥିଲା। ଅଭିଯୁକ୍ତ ତା'ର ନିଜ ଘରକୁ ଟ୍ରେନ୍ ଯୋଗେ ଫେରାର୍ ହେଉଥିବାବେଳେ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ

### ଟ୍ରେନରେ ଘରକୁ ପଳାଉଥିବାବେଳେ ପୁଲିସ ଗିରଫ କରିଥିଲା

ତାଙ୍କୁ ଢେଙ୍କାନାଳ ଷ୍ଟେସନଠାରେ ଗିରଫ କରିଥିଲା। ଅଭିଯୁକ୍ତ ଅଜିତ୍ କିଛିବର୍ଷ ତଳେ ପୁରୀ ଆସି କଲେଜ ଛକରେ ଗାୟତ୍ରୀ ହୋଟେଲରେ କାମ କରୁଥିଲା। କୌଣସି କାରଣରୁ ହୋଟେଲ ମାଲିକ ତାଙ୍କୁ କାଢ଼ି ଦେଇଥିଲେ। ଏହି ସମୟରେ ଟୁକୁ ହୋଟେଲରେ ଆସି କାମ କରିଥିଲେ। ତେବେ ଅଭିଯୁକ୍ତକୁ ଲାଗୁଥିଲା କି ଟୁକୁ ଯୋଗୁଁ ମାଲିକ ତାକୁ ହୋଟେଲ୍ରୁ କାଢ଼ିଦେଇଛନ୍ତି। ଏଥିପାଇଁ ଟୁକୁକୁ ସନ୍ଦେହ କରିବା ସହ ତାକୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲା। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ଟୁକୁ କଲେଜ ଛକ ନିକଟରେ ଥିବା ଫୁଲ ଦୋକାନଠାରେ ଦେଖାହୋଇଥିଲା। ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଜିତ୍ ତା' ନିକଟରେ ରଖିଥିବା ଛୁରିରେ ଟୁକୁକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଟୁକୁର ମୃତ୍ୟୁ ହୋଇଥିଲା। ତେବେ ସିସିଟିଭି ଫୁଟେଜ୍ ସହ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ନେଇ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ନିକଟରୁ ହତ୍ୟାରେ ବ୍ୟବହାର ଛୁରି ଓ ମୋବାଇଲ୍ ଫୋନ୍ ଜବତ କରିଛି। ତଦନ୍ତ ଜାରି ରହିଛି, ଆବଶ୍ୟକ ହେଲେ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ ବୋଲି ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

# ବେଆଇନ ମଦ ବିକ୍ରି: ବର୍ଷକରେ ୬୩ ମହିଳା ଗିରଫ

ପୁରୀ,୨୫।୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି। ବିଶେଷକରି ଜିଲ୍ଲାରେ ବେଆଇନ ମଦ ବିକ୍ରି, ତିଆରି ଓ ଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ୨୦୨୫ରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ଏହି ବିଶେଷ ଅଭିଯାନ ଆରମ୍ଭ କରାଯାଇଥିଲା। ଜିଲ୍ଲାର ସବୁ ଥାନା ଅଞ୍ଚଳରେ ଏକାଧିକ ସ୍ଥାନରେ ସମନ୍ୱିତ ଭାବେ ଏହା ପରିଚାଳିତ ହୋଇଥିଲା। ପୁଲିସର ବିଭିନ୍ନ ଟିମ୍ ଦ୍ୱାରା ଗୁପ୍ତ ସୂଚନା ଆଧାରରେ ଚଢ଼ଉ କରାଯାଇଥିଲା। ଏହି ଅଭିଯାନ ଅଧୀନରେ ୨୦୨୫ରେ ପୁରୀ ପୁଲିସ ମୋଟ ୮୪୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯେଉଁଥିରେ ୬୩ ଜଣ ମହିଳା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନ ସମୟରେ ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ବେଆଇନ ମଦ ଓ ନିଷିଦ୍ଧ ପଦାର୍ଥ ଜବତ କରାଯାଇଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୧,୪୬୨ ଲିଟର ବିଦେଶୀ ମଦ, ୮୧୯୩ ଲିଟର ଦେଶୀ ମଦ, ୮.୪୦୦ କେଜି ଭାଙ୍ଗ, ୬୫ ଲିଟର ତରଳ ଭାଙ୍ଗ, ୧୮୭୦ ଲିଟର ପୋଚ ସମେତ ୬ଲକ୍ଷ ୪୬ ହଜାର ୧୩୪ ଟଙ୍କା ଜବତ କରାଯାଇଛି। ଏହି ବେଆଇନ ମଦ ଚାଲାଣ ଓ ବିକ୍ରୟ ଯୋଜନାବଦ୍ଧ ଭାବେ ଏକାଧିକ ଗୋଷ୍ଠୀ ଦ୍ୱାରା ଚାଲିଥିଲା, ଯାହାକୁ ପୁଲିସ ଭାଙ୍ଗିବାରେ ସଫଳ ହୋଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ଥାନା ଅଧିକାରୀମାନଙ୍କୁ ବେଆଇନ ମଦ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ମୋଟ ମାମଲା ୮୫୩, ଧରାପଡ଼ିଛନ୍ତି ୮୪୬

ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସବୁ ଥାନା ଅଞ୍ଚଳରେ ନିୟମିତ ଚଢ଼ଉ, ସୀମା ଅଞ୍ଚଳରେ କଡ଼ାକଡ଼ି ଚେକିଂ, ପୁରୁଣା ଅଭିଯୁକ୍ତଙ୍କ ଗତିବିଧି ଉପରେ ବିଶେଷ ନଜର ଏବଂ ବେଆଇନ ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଓ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। କେବଳ ଗିରଫରେ ସୀମିତ ନ ରହି ପୁଲିସ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ କରି ୭୭୨ଟି ମାମଲାରେ ଚାର୍ଜସିଟ୍ ଅଦାଲତରେ ଦାଖଲ କରିଛି। ଏହାଦ୍ୱାରା ଅଭିଯୁକ୍ତମାନେ ଶୀଘ୍ର ନ୍ୟାୟିକ ପ୍ରକ୍ରିୟାରେ ଆସିବେ ଓ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଯଦି କୌଣସି ବ୍ୟକ୍ତିଙ୍କ ପାଖରେ ବେଆଇନ ମଦ ପ୍ରସ୍ତୁତ କିମ୍ବା ବିକ୍ରି ସମ୍ପର୍କିତ ସୂଚନା ଥିଲେ ନିକଟସ୍ଥ ଥାନା କିମ୍ବା ୧୧୨କୁ ଜଣାଇବାକୁ ପୁଲିସ ଅନୁରୋଧ କରିଛି। ସୂଚନାଦାତାଙ୍କ ପରିଚୟ ଗୋପନ ରହିବ। ଜିଲ୍ଲାରେ ବେଆଇନ ମଦ କାରବାରକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଅପରେସନ ଚକ୍ର ଅଭିଯାନକୁ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ ବୋଲି ଏସ୍‌ପି ପ୍ରତୀକ୍ ସିଂ ସ୍ପଷ୍ଟ କରିଛନ୍ତି।

# ଜମିବାଡ଼ି ବିବାଦକୁ ନେଇ ଖଣ୍ଡା ଚୋଟ

ପୁରୀ,୨୫।୧(ସମିସ): ପୁରୀରେ ପୁଣି ବୁଲିଲା ଖଣ୍ଡା। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ସୌଭାଗ୍ୟବଶତଃ ସେ ରକ୍ଷା ପାଇଥିଲେ ମଧ୍ୟ ତାଙ୍କ ଡାହଣ ହାତ ପାପୁଲିରେ ଚୋଟ ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ହେଉଛନ୍ତି ପୁରୀ ସଦର ଥାନା ଅନ୍ତର୍ଗତ ଖଡ଼ିପଦା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ।

ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ରଙ୍କ ବାପା ୧୯୭୯ ମସିହାରେ ୩୨ ଡେସିମିଲ ଜମି କିଣିଥିଲେ। ଯାହାଙ୍କଠାରୁ କିଣିଥିଲେ ତାଙ୍କର ମୃତ୍ୟୁ ହୋଇଗଲାଣି। କିନ୍ତୁ ତାଙ୍କ ପିଲାମାନେ କହୁଛନ୍ତି ବାପା ବିକ୍ରି କରିନାହାନ୍ତି, ତଞ୍ଚକତା କରି ଏହାକୁ ନିଆଯାଇଛି। ତେଣୁ ସେମାନେ ଜମି ଦଖଲରେ ନେବାକୁ ଚାହୁଁଛନ୍ତି। ଏହାକୁ ନେଇ କୃଷ୍ଣଚନ୍ଦ୍ରଙ୍କ ପରିବାର ସହିତ ତାଙ୍କର ବିବାଦ ଲାଗି ରହିଛି। ଦୁଇମାସ ତଳେ ସେମାନେ କୃଷ୍ଣଚନ୍ଦ୍ରଙ୍କ ପରିବାର ଉପରେ ଆକ୍ରମଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ କରିବା ସହ ଆପୋଷ ସମାଧାନ କରିଥିଲା। ହେଲେ ରବିବାର ଅପରାହ୍ଣ ସାଢ଼େ ୪ଟା ବେଳେ କୃଷ୍ଣଚନ୍ଦ୍ରଙ୍କୁ ପ୍ରତିପକ୍ଷରୁ କିଛି ଲୋକ ଆକ୍ରମଣ କରିଛନ୍ତି।

ଖଣ୍ଡାରେ ହାଣିବା ବେଳେ ସେ ହାତ ଦେଖାଇ ଦେଇଥିଲେ। ତାଙ୍କ ଡାହାଣ ହାତ ପାପୁଲିରେ ଗଭୀର ଚୋଟ ଲାଗିଛି। ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ପାପୁଲିରେ ୩୫ଟି ଷ୍ଟିଚ୍ ପଡ଼ିଛି ବୋଲି ସମ୍ପର୍କୀୟ କହିଛନ୍ତି। ସେମାନେ ଭୟଭୀତ ଥିବାରୁ ଥାନାରେ ଅଭିଯୋଗ କରିନଥିବା କହିଛନ୍ତି।

# ମାର୍କଣ୍ଡେଶ୍ୱର ତୀର୍ଥ ଆଳତି

ପୁରୀ,୨୫।୧(ସମିସ): ପୁରୀ ସାଥୀ ସଂଘ କ୍ଲବ୍ ଆନୁକୂଲ୍ୟରେ ରବିବାର ସପ୍ତମ ମାର୍କଣ୍ଡେଶ୍ୱର ତୀର୍ଥ ଆଳତି ଅନୁଷ୍ଠିତ ହୋଇଯାଇଛି। ପୁରୀର ବିଭିନ୍ନ ମଠର ମଠାଧୀଶ, ଜାଗା ଆଖଡ଼ାମାନଙ୍କର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ମାର୍କଣ୍ଡ ସେବକ ଓ ମଠାଧୀଶଙ୍କ ଦ୍ୱାରା ମାର୍କଣ୍ଡେଶ୍ୱର ପୁଷ୍କରିଣୀରେ ଆଳତି କରାଯାଇଥିଲା। ଆଳତି ପର୍ବରେ ବିଧାୟକ ସୁନୀଲ କୁମାର ମହାନ୍ତି, ପୂର୍ବତନ କଉନ୍‌ସିଲର ଭକ୍ତ ଚରଣ ଦାଶ, ସମାଜସେବୀ ବିନାୟକ ଦାଶ ଓ ସାଥୀ ସଂଘ କ୍ଲବ୍ ସଭାପତି ମନୋରଞ୍ଜନ ପାଲ୍, ସମ୍ପାଦକ ବାପିନ ଶତପଥୀ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାର୍କଣ୍ଡେଶ୍ୱର ମନ୍ଦିର ସେବକ ମହାବୀର ସାହି ନାୟକ, ଅର୍ଜୁନ ପଣ୍ଡା, ନକୁଳ ପଣ୍ଡା ଓ ମୁନା ପଣ୍ଡାଙ୍କ ସମେତ ସମସ୍ତ ସେବକଙ୍କ ଦ୍ୱାରା ଏହି ଆଳତି କରାଯାଇଥିଲା। ମହନ୍ତ ବିଜୟ ରାମାନୁଜ ଦାଶ, ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାଶଙ୍କ ସମେତ ଅନ୍ୟ ସାଧୁସନ୍ଥ ଉପସ୍ଥିତ ଥିଲେ। ଆଳତି ପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ସାଇ ସ୍ମାର୍ଟ ସ୍କୁଲ ଓ ସାଇ ଗ୍ଲୋବାଲ କିଡ୍‌ସ ସ୍କୁଲର ବାର୍ଷିକ ଉତ୍ସବ

ପୁରୀ,୨୫।୧(ସମିସ): ସ୍ଥାନୀୟ ଟାଉନ ହଲ୍‌ଠାରେ ସାଇ ସ୍ମାର୍ଟ ସ୍କୁଲ ଓ ସାଇ ଗ୍ଲୋବାଲ କିଡ୍‌ସ ସ୍କୁଲର ମିଳିତ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପୁରୀ ବନଖଣ୍ଡ ଅଧିକାରୀ ଧନଜୀ ମଗର ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ, ଖେଳକୁଦ, ନାଚଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାମାନଙ୍କର ମାନସିକ ବିକାଶରେ ସାହାଯ୍ୟ କରେ। ମୁଖ୍ୟବକ୍ତା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ ରଞ୍ଜନ ମହାପାତ୍ର କହିଥିଲେ ଯେ, ଶିକ୍ଷା କେବଳ ପାଠ ପଢ଼ିବା ନୁହେଁ ଭଲ ମଣିଷ ହେବା ମଧ୍ୟ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ। ପୁରୀ ଫାର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ, ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଶୃଙ୍ଖଳା, ନିଷ୍ଠା ଓ ସାହସ ସହିତ ଆଗକୁ ବଢ଼ିଲେ ନିଶ୍ଚୟ ସଫଳ ହେବ ବୋଲି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସିପ୍ରା ଚାଟାର୍ଜୀ ଓ ଶ୍ରୀପଦା ମିଶ୍ର ଅତିଥି ପରିଚୟ ସହିତ ସ୍ୱାଗତ କରିବା ପରେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶିଷ କୁମାର ଦାଶ ଏବଂ ପ୍ରିୟଦର୍ଶିନୀ



ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ନେହଲତା ଦାଶ ଧନ୍ୟବାଦ ଦେଇଥିଲେ। କଣ୍ଠଶିଳ୍ପୀ ସନ୍ଧ୍ୟାରାଣୀ ପଟ୍ଟଯୋଶୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱପ୍ନା ଦାଶ, ନମ୍ରତା ରଥ, ନୀଳାମ୍ବରୀ ପଣ୍ଡା, ସୁଲିପ୍ତା ମହାପାତ୍ର, ମଧୁସ୍ମିତା ଓଝା, ଲୋପାମୁଦ୍ରା ମହାପାତ୍ର, ସୋନମ୍ ଚାଟାର୍ଜୀ, ନିକିତା ରୋଜାଲିନ୍, ଆଲୋକ ସ୍ୱାଇଁ ପ୍ରମୁଖ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।







● ସଂଗଠନକୁ ସୁଦୃଢ଼ କରୁଛି ବିଜେଡି

# ଦୁର୍ଯ୍ୟୋଧନ ଯୁବ ଓ ଅମରେଶ୍ୱର ଛାତ୍ର ସଭାପତି

ନୟାଗଡ଼,୨୫ ।୧(ସମିସ): ନୟାଗଡ଼ ବିଜୁ ଜନତା ଦଳ ସଂଗଠନକୁ ସୁଦୃଢ଼ କରୁଛି । ରବିବାର ରାଜ୍ୟ ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ନୟାଗଡ଼ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଦଳ ସୁପ୍ରିମୋ ତଥା




ସଭାପତି ନବୀନ ପଟ୍ଟନାୟକ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କୁ ପୁନଃ ଯୁବ ବିଜେଡି ସଭାପତି ଭାବେ ଘୋଷଣା କରିଛନ୍ତି । ଏନେଇ ରାଜ୍ୟ ଯୁବ ସଭାପତି ଚିନ୍ମୟ କୁମାର ସାହୁ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଜିଲ୍ଲା ଛାତ୍ର ସଂଗଠନ ସଭାପତି ଭାବେ ଅମରେଶ୍ୱର ଜେନାଙ୍କ ନାମ ଘୋଷଣା ହୋଇଛି । ଅମରେଶ୍ୱରଙ୍କ ଘର ନୟାଗଡ଼ ନିକଟ ଦୁର୍ଗାପ୍ରସାଦ ଗ୍ରାମରେ ବୋଲି ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା ବିଜେଡି ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଉଭୟଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର ସଂଗଠନ ମଜବୁତ ହେବ ବୋଲି ଆଶା କରାଯାଉଛି ।

# ରବୀନ୍ଦ୍ର ସ୍ମାରକୀ କ୍ରିକେଟ, ସେମିରେ ବରୁଣେଇ

କଣ୍ଟିଲୋ,୨୫ ।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଖେଳାଯାଇଛି । କଣ୍ଟିଲୋ ବରୁଣେଇ କ୍ରିକେଟ କ୍ଲବ ଗୋପୀନାଥପୁରକୁ ୮ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ସ୍ଥାନ ପକ୍କା କରିଛି । ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ୍ ଜିତି ଗୋପୀନାଥପୁର ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୭୦ ରନ ସଂଗ୍ରହ କରିଥିଲା । ଜବାବରେ ବରୁଣେଇ ଦଳ ୮ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ବରୁଣେଇ କ୍ଲବର ବୁଲୁ ୩ ଓଭରରେ ମାତ୍ର ୮ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଅମ୍ପାୟର ବିଶ୍ୱଜିତ ବେହେରା ଓ ଶାନ୍ତନୁ ଶେଖର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ନିରଞ୍ଜନ ଦଳେଇ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ବେହେରା ସ୍କୋରିଂରେ ସହାୟତା କରିଥିଲେ । ସୋମବାର ତୃତୀୟ କ୍ୱାର୍ଟର ଫାଇନାଲରେ କାନପୁରକୁ ଭୋଗଡ଼ା ବାବା ଗୁପ୍ତେଶ୍ୱର କ୍ଲବ ଭେଟିବ ।

# ପୋଖରୀରୁ କୁମ୍ଭୀର ଉଦ୍ଧାର

ଗଣିଆ,୨୫ ।୧(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆର ଏକ ପୋଖରୀରୁ କୁମ୍ଭୀର ଉଦ୍ଧାର କରାଯାଇଛି । କୁମ୍ଭୀରଟି ଦୀର୍ଘଦିନ ହେବ ପୋଖରୀରେ ରହି ଆସୁଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା । ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କୁ ଅବଗତ କରିଥିଲେ । ରବିବାର ଭୋର ସମୟରେ ଗ୍ରାମ ସଭାପତି ରୁଦ୍ରାକ୍ଷ ଦଳେଇ ଏବଂ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ସହଯୋଗରେ ପୋଖରୀରୁ କୁମ୍ଭୀରକୁ କାବୁ କରାଯାଇଥିଲା । ପରେ କୁମ୍ଭୀରକୁ ସାତକୋଶିଆ ଗଣ୍ଡରେ ଛାଡ଼ି ଦିଆଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । କୁମ୍ଭୀର ପୋଖରୀକୁ କିଭଳି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ନୟାଗଡ଼ ଇତିହାସକୁ ରୁଦ୍ଧିମନ୍ତ କରୁଥିବା ଅନନ୍ୟ ଅନୁଷ୍ଠାନ

# ଶତବାର୍ଷିକୀ ପାଳନ କରୁଛି କେସି କ୍ଲବ

ନୟାଗଡ଼,୨୫ ।୧(ସମିସ)

ନୟାଗଡ଼ ଇତିହାସକୁ ରୁଦ୍ଧିମନ୍ତ କରୁଥିବା ଏକମାତ୍ର ଅନୁଷ୍ଠାନ ହେଉଛି କେସି କ୍ଲବ । କେସି କ୍ଲବ ହେଉଛି ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂ ମାନଧାତାଙ୍କ ନାମରେ ନାମିତ ତଥା ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶତାୟୁ କ୍ଲବ ଯାହାର ଇତିହାସକୁ ନେଇ ଅନେକ ରୋଚକ କଥା ରହିଛି । ନୟାଗଡ଼ ଜିଲ୍ଲାର ସାମଗ୍ରୀକ ବିକାଶର ମୂକସାକ୍ଷୀ ହେଉଛି ଏହି କ୍ଲବ । ସବୁଠାରୁ ପୁରୁଣା ଅନୁଷ୍ଠାନ ଭାବେ ଯେତିକି ମର୍ଯ୍ୟାଦା ବହନ କରୁଛି, ନୟାଗଡ଼ ଛାତି ଉପରେ ଏହା ହୃତପିଣ୍ଡ ଭଳି ଦଣ୍ଡାୟମାନ ହୋଇଛି । ନୟାଗଡ଼ର ବହୁ ପ୍ରଭାବଶାଳୀ ବ୍ୟକ୍ତି ଏହି କ୍ଲବ ସଦସ୍ୟ ରହି ଆସିଛନ୍ତି ।




ଜନଶ୍ରୁତି ଅନୁସାରେ, ୧୯୨୬ ମସିହାରେ ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂ ମାନଧାତା ଏହି କ୍ଲବ ପ୍ରତିଷ୍ଠା କରିଥିଲେ । ନୟାଗଡ଼ ରାଜବଗିଚା ପରିସରରେ ଥିବା ଏକ ବଙ୍ଗଳାରେ ପ୍ରଥମେ ଏହାକୁ ଆରମ୍ଭ କରାଯାଇଥିଲା । ୧୯୪୦ରେ ନୟାଗଡ଼ ପୁରୁଣା ବସଷ୍ଟାଣ୍ଡ ନିକଟରେ ରାଜା ୫୬ ଡିସିମିଲ ଜମିରେ ଏହାର ସ୍ଥାପତ୍ୟ ନିର୍ମାଣ କରିଥିଲେ । କାଳକ୍ରମେ କ୍ଲବ ଚାରିପାଖରେ ଦୋକାନ ବଜାର ନିର୍ମାଣ କରାଯାଇ ଆୟପନ୍ଥା ସୁନିଶ୍ଚିତ କରାଯାଇଛି । ଆମୋଦପ୍ରମୋଦଠାରୁ ଆରମ୍ଭ କରି କ୍ରୀଡ଼ା, ସଙ୍ଗୀତ, ନୃତ୍ୟ ଆଦିକୁ କେସି କ୍ଲବ ଗୁରୁତ୍ୱ ଦେଇ ଆସୁଛି । ନୟାଗଡ଼ ଜିଲ୍ଲା ଗଠନ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ନିର୍ମାଣ, ପ୍ରଜାମଣ୍ଡଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତିଷ୍ଠାଠାରୁ ଆରମ୍ଭ କରି ଅନେକ ଯୁଗାନ୍ତକାରୀ କାର୍ଯ୍ୟର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଛି ଏହି କ୍ଲବ । ଚଳିତ ବର୍ଷ କେସି କ୍ଲବ ଶତବାର୍ଷିକୀ ପାଳନ କରୁଛି । ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ କ୍ଲବରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ଉଦଘାଟନ ପର୍ବରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ ବୋଲି ସୂଚନା ମିଳିଛି । ଏହାସହ ରାଜବଂଶ ଦାୟାଦ ଭାବେ ଗଜେନ୍ଦ୍ର ସିଂ ମାନଧାତା, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସମେତ ଭିନ୍ନ ଭିନ୍ନ ଦିନରେ ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମଧ୍ୟ ଯୋଗଦେବାକୁ ଥିବା କ୍ଲବ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ ସୂଚନା ଦେଇଛନ୍ତି । କ୍ଲବ ସଭାପତି ଭାଗୀରଥି ଦାଶଙ୍କ ତତ୍ତ୍ୱାବଧାନରେ ଏହି ଶତବାର୍ଷିକୀ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି । ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଏହି କ୍ଲବ ଆଗାମୀ ଦିନରେ ନୟାଗଡ଼ ବିକାଶ ପାଇଁ ଆହୁରି ଅନେକ କାର୍ଯ୍ୟ କରୁବୋଲି ସହରବାସୀ ଆଶାବାଦୀ ଅଛନ୍ତି ।

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

# ପ୍ରତାପ ସଭାପତି, ଶୋଭନ ସମ୍ପାଦକ



ଗଣିଆ,୨୫ ।୧(ସମିସ): ଗଣିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଏରୁଣ୍ଡିପଥରଠାରେ ଅନୁଷ୍ଠିତ ହୋଇଛି । ସଭାପତି ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁରେଶ କୁମାର ବେହେରା ବିଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ । ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ କରାଯାଇଥିଲା । ନୂତନ ସଭାପତି ଭାବେ ପ୍ରତାପ କୁମାର ପାଣିଗ୍ରାହୀ, ସମ୍ପାଦକ ଭାବେ ଶୋଭନ କୁମାର ପଣ୍ଡା, ଉପସଭାପତି ଭାବେ ସୁଶାନ୍ତ କୁମାର ରଣା, ସହ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି । ଜିଲ୍ଲା ପ୍ରତିନିଧି ଭାବେ ବାମନ ଚରଣ ବାରିକି, ସୁରେଶ କୁମାର ବେହେରା ଏବଂ କିଶୋର କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ଶୁଭ୍ରମ କୁମାର ସାହୁ, ବିଜୟ କୁମାର ମହାରଣା, ଶୁକଦେବ ରାଉତ, ପ୍ରଫୁଲ୍ଲ କୁମାର ମିଶ୍ର, କନ୍ୟାକୁମାରୀ ବେହେରା ଏବଂ ନୀଳିମା ସୁନ୍ଦରୀ ମହାରଣା ମନୋନୀତ ହୋଇଛନ୍ତି । ନୂତନ ସଦସ୍ୟଙ୍କୁ ଶପଥପାଠ କରାଯାଇଛି । ସମସ୍ତେ ନିଃସ୍ୱାର୍ଥପର ଭାବେ ସଂଘ ପାଇଁ କାର୍ଯ୍ୟ କରିବେ ବୋଲି ଶପଥ ନେଇଛନ୍ତି । ଗଣିଆ ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ସୁପ୍ରିୟା ସାମନ୍ତସିଂହାରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦାୟୀ ସମ୍ପାଦକ ସୁରେଶ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ରଣପୁର,୨୫ ।୧(ସମିସ): ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଜାତୀୟ କନ୍ୟା ଦିବସ ପାଳନ ଅବସରରେ ଏକ ସଚେତନତା ଶିବିର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଛି । ରଣପୁର କୋର୍ଟ ବିଚାରପତି ପୁଣ୍ୟଶ୍ଳୋକ ଦାଶ ଯୋଗଦେଇ କହିଲେ, କନ୍ୟା ସନ୍ତାନ ବୋଝ ନୁହେଁ; ଆଶୀର୍ବାଦ । ତଥାପି ଆମ ଦେଶରେ ଅନେକ କନ୍ୟା ଏବେ ବି ଲିଙ୍ଗଗତ ଭେଦଭାବର ଶିକାର ହେଉଛନ୍ତି । ଜାତୀୟ କନ୍ୟା ଦିବସରେ ଆମକୁ ଏହି ପ୍ରସଙ୍ଗରେ ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ରଣପୁର କୋର୍ଟର ଆଇନଜୀବୀ ପ୍ରିୟବ୍ରତ ପ୍ରହରାଜ, ସୁବାସ ଚନ୍ଦ୍ର ଜେନା, ସୁଦର୍ଶନ ମାନସିଂହ, ଶ୍ରୀକାନ୍ତ କୁମାର ସାହୁ, ନରେଶ କୁମାର ପଟ୍ଟନାୟକ ଯୋଗଦେଇ ବିଭିନ୍ନ ଆଇନ୍ ସମ୍ପର୍କରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ କୁମାର ସାହୁ, ହୃଷୀକେଶ ନାୟକ, କୁନିବାଳା ବିଶ୍ୱାଳ, ଲିଟୁନା ଦେଓ ଏବଂ ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ କୋର୍ଟ କର୍ମଚାରୀ ଜିତେନ୍ଦ୍ର ବେହେରା, ଅବକାଶ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ ।

# ସଞ୍ଜାଇ ଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଭାପୁର,୨୫ ।୧(ସମିସ): ଭାପୁର ବ୍ଲକ ବିଜିପୁର ଗ୍ରାମ ସଞ୍ଜାଇ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିନି ଷ୍ଟାଡିୟମରେ ରବିବାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନ ମ୍ୟାଚ୍‌ରେ ବିଜିପୁର ଓ ପିଠାଖାଇ କ୍ରିକେଟ ଟିମ ପରସ୍ପରକୁ ଭେଟିଥିଲେ । ବିଜିପୁର ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୧୬୭ ରନ କରିଥିଲା । ଜବାବରେ ପିଠାଖାଇ ଦଳ ୧୧.୫ ଓଭରରେ ୮୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ମୁଖ୍ୟଅତିଥି ରୂପେ ସମାଜସେବୀ ସନ୍ତୋଷ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ରୂପେ ଚିତ୍ତରଞ୍ଜନ ରାଉତରାୟ ଯୋଗଦେଇଥିଲେ । ମଧୁସୂଦନ ନାୟକ ଏବଂ ସୁଶାନ୍ତ ପରିଡ଼ା ଖେଳ ପରିଚାଳନା କରିଥିଲେ । ହାପିରଞ୍ଜନ ଓ ତପନ ରାଉତ ସ୍କୋରସିଟ୍ ପରିଚାଳନା କରିଥିବା ବେଳେ ରାମପ୍ରସାଦ ବଡ଼ଜେନା ଧାରାବିବରଣୀ ପ୍ରଦାନ କରିଥିଲେ । ସୋମବାର ଶାଳପଡ଼ା କ୍ରିକେଟ ଟିମ ସହ ତଳମାରଡ଼ା ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ଅସୁରକୁମାରୀ ପୀଠରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ

ରଣପୁର,୨୫ ।୧(ସମିସ): ରଣପୁର ବ୍ଲକ ବଜ୍ରକୋଟସ୍ଥିତ ମା' ଅସୁରକୁମାରୀ ପୀଠରେ ମାଘ ଶୁକ୍ଳପକ୍ଷ ପଞ୍ଚମୀଠାରୁ ପଞ୍ଚାଦିନ ବ୍ୟାପୀ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଆରମ୍ଭ ହୋଇଛି । ୨୩ ତାରିଖ ଅଙ୍କୁରରୋପଣ ସହ ଯଜ୍ଞାରମ୍ଭ ହୋଇଥିଲା । ୨୫ ତାରିଖ ଦେବଦେବୀ ବରଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଯଜ୍ଞ, ସଂକୀର୍ତ୍ତନ, ଠାକୁରାଣୀ ସ୍ନାନ ଓ ଶୟନ ଅନୁଷ୍ଠିତ ହୋଇଛି । ୨୬ ତାରିଖ ସୂର୍ଯ୍ୟପୂଜା, ଅଖଣ୍ଡ ଯଜ୍ଞ, ପ୍ରସାଦ ସେବନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବାବେଳେ ୨୭ ତାରିଖ ଦିନ ସୂର୍ଯ୍ୟପୂଜା ସହ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ପ୍ରତ୍ୟେକ ଦିନ ମନୋରଞ୍ଜନମୂଳକ ଧାର୍ମିକ କାର୍ଯ୍ୟକ୍ରମ ରହିଥିବା ମା' ଅସୁରକୁମାରୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଭକ୍ତ ସାମିଲ ହୋଇ ମା'ଙ୍କ କୃପା ଲାଭ କରିବାକୁ ଟ୍ରଷ୍ଟ ପକ୍ଷରୁ ନିମନ୍ତ୍ରଣ କରାଯାଇଛି ।

## ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦଯାପିତ

# 'ସାମନ୍ତ ମହୋତ୍ସବ ଖଣ୍ଡପଡ଼ା ପାଇଁ ନୂତନ ଆହ୍ୱାନ'



ଖଣ୍ଡପଡ଼ା,୨୫ ।୧(ସମିସ): ଖଣ୍ଡପଡ଼ା ସାମନ୍ତ ମହୋତ୍ସବ କମିଟି ଓ ସମାଜସେବୀ ତଥା କମିଟି ଆବାହକ ବିଧାନ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ରବିବାର ଉଦଯାପିତ ହୋଇଛି । ଅନ୍ତିମ ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ମହୋତ୍ସବ କମିଟି ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ସନ୍ଧ୍ୟା ୭ଟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇ ମଞ୍ଚ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ମହୋତ୍ସବ ଆବାହକ ବିଧାନଚନ୍ଦ୍ର ପ୍ରଧାନ, ସମ୍ପାଦକ ନାରାୟଣ ଆଚାର୍ଯ୍ୟ, ଖଣ୍ଡପଡ଼ା ଓକିଲ ସଂଘ ସଭାପତି ସଂଗ୍ରାମ କେଶରୀ ମିଶ୍ର, ପ୍ରଦ୍ୟୁମ୍ନ ସିଂ ସାମନ୍ତ, ଶିଖରପୁର ସରପଞ୍ଚ କିରଣବାଳା ସାହୁ, କାଉନସିଲର ପିଙ୍କି ସାହୁ, ସରୋଜ ପ୍ରଧାନ, ମୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଟିଭି ଉପସ୍ଥାପିକା ଲୋରିଆ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ସାମନ୍ତ ମହୋତ୍ସବ ଖଣ୍ଡପଡ଼ା ପାଇଁ ନୂତନ ଆହ୍ୱାନ ବୋଲି ଅତିଥିମାନେ କହିଥିଲେ । ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱୟଂଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ସଭାକାର୍ଯ୍ୟ ସମାପ୍ତ ପରେ ଓଡ଼ିଶାର ଉଦୀୟମାନ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଏବଂ ସାଥୀ କଳାକାରଙ୍କ ସୁମଧୁର ଗୀତରେ ଦର୍ଶକ ଝୁମିଥିଲେ । ସେହିପରି ଚଳଚ୍ଚିତ୍ର ତାରକା ଜ୍ୟୋତି, ରିୟା ଓ ଶୁଭାଶିଷ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଅପରାହ୍ନ ୫ଟାରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ଆଧୁନିକ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକଙ୍କ ମନ ମୋହିଥିଲେ । ଏତତ୍ ବ୍ୟତୀତ ମହୋତ୍ସବର ମୁଖ୍ୟ ଆକର୍ଷଣ ସାମନ୍ତ ମହୋତ୍ସବ ବନ୍ଦନାରେ ସ୍ଥାନୀୟ କଳାକାରମାନେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ । ବିଭିନ୍ନ କଳାକାର, ସାମ୍ବାଦିକ ଓ ମାନ୍ୟଗଣ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା । ମିନାବଜାର, ସରକାରୀ ଓ ବେସରକାରୀ ଷ୍ଟଲରେ ଲୋକେ କିଣାବିକା କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ରାକେଶ କୁମାର ପଣ୍ଡା, ଯୁବ ସଂଗଠକ ମନୋରଞ୍ଜନ ବେହେରା, ସମରେନ୍ଦ୍ର ବାରିକ, ହରିଶ ମହାରଣା, କାଉନସିଲ ଦିଗମ୍ବର ମିଶ୍ର, ସରୋଜ ପ୍ରଧାନ, ସୁଶାନ୍ତ ମହାରଣାଙ୍କ ସମେତ ଶତାଧିକ ସଭ୍ୟ ସହଯୋଗ କରିଥିଲେ ।

# ମହାବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବୈଠକ



ଓଡ଼ଗାଁ,୨୫ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ୨୦୦୪ ବ୍ୟାଚ୍ +୨ ଛାତ୍ରଙ୍କ ବୈଠକ ରବିବାର ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିବା ସହ ପୁରାତନ ଛାତ୍ରମାନଙ୍କୁ ଯଥା ସମ୍ଭବ କଲେଜକୁ ଆର୍ଥିକ ସହଯୋଗ କରିବାକୁ ଅନୁରୋଧ କରିଥିଲେ । କଲେଜର ସ୍ୱତନ୍ତ୍ର ଜମା ଖାତାକୁ ବାହାରୁ ଯେତିକି ଟଙ୍କା ଆସିବ କଲେଜର ଉନ୍ନତି ପାଇଁ ସରକାର ତା'ର ଦୁଇଗୁଣ ଟଙ୍କା ଦେବେ । ଫଳରେ କଲେଜର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ କଲେଜର ରସାୟନ ବିଭାଗ ପ୍ରଦର୍ଶକ (ଡେମୋଷ୍ଟ୍ରେଟର) ରାଧାମୋହନ ନାୟକ ଯୋଗଦେଇ ସମୟର ସଠିକ ପରିଚାଳନା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ । ସାମ୍ବାଦିକ ଗଣେଶ୍ୱର ସାହୁ, ଫକୀର ମହାରଣା, ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ତଥା ପୁରାତନ ଛାତ୍ର ସୁଦୀପ୍ତ କୁମାର ଦଳବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଶ୍ୱନାଥ ବରାଡ଼ ପରିଚାଳନା କରିଥିଲେ । ଅମରେନ୍ଦ୍ର ସାହୁ, ସନ୍ତୋଷ ପ୍ରଧାନ, ସନ୍ତୋଷ ମଳିକ, ନିତ୍ୟାନନ୍ଦ ପଣ୍ଡାଙ୍କ ସମେତ ବହୁ ପୁରାତନ ଛାତ୍ର ସହଯୋଗ କରିଥିଲେ ।

# ୮୦ ଲିଟର ଦେଶୀମଦ, ବାଇକ ଜବତ; ଜଣେ ଗିରଫ

ଖଣ୍ଡପଡ଼ା,୨୫ ।୧(ସମିସ): ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଶନିବାର ପାଟ୍ରୋଲିଂ ବେଳେ ଏକ ବାଇକ ଯୋଗେ ଦେଶୀମଦ ନେଇ ଯାଉଥିବା ଜଣେ ଯୁବକକୁ କର୍ମଚାରୀମାନେ ଶିଖରପୁର ପଞ୍ଚାୟତ ବରପଲ୍ଲୀ ନିକଟ ମହିଷାଶୁଣି ମଣ୍ଡପ ନିକଟରୁ ଗିରଫ କରିବା ସହ ତାଙ୍କଠାରୁ ୮୦ ଲିଟର ଦେଶୀମଦ ସହ



ଏକ ସ୍କୁଟି ଜବତ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଖଣ୍ଡପଡ଼ା ଥାନା ବରପଲ୍ଲୀ ଗ୍ରାମର ରବୀନ୍ଦ୍ର କୁମାର ସାହୁଙ୍କ ପୁଅ ତପନ ସାହୁ (୨୮) । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି । ଚଢ଼ଉରେ ଏସଆଇ ଅର୍ପିତା ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ ।

● ଅପରେସନ ଅନ୍ୱେଷା

# ନିଖୋଜ ୩ ନାବାଳିକା, ୫ ମହିଳା ଉଦ୍ଧାର

ଓଡ଼ଗାଁ,୨୫ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏବଂ ଶରଣକୁଳ ଥାନା ଅଞ୍ଚଳରୁ ନିଖୋଜ ହୋଇଥିବା ୩ ନାବାଳିକା ୫ ମହିଳାଙ୍କୁ ଓଡ଼ଗାଁ ଏବଂ ଶରଣକୁଳ ଥାନା ପୁଲିସ ଉଦ୍ଧାର କରିଛି । ନୟାଗଡ଼ ଜିଲ୍ଲାରେ ଅପରେସନ ଅନ୍ୱେଷା-୨ ଚାଲିଥିବା ବେଳେ ନିଖୋଜ ମାମଲାଗୁଡ଼ିକୁ ପୁଲିସ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାସହ ନିଖୋଜମାନଙ୍କୁ ଉଦ୍ଧାର ପରେ ଆବଶ୍ୟକ ପ୍ରକ୍ରିୟା କରି ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛି । ପୁଲିସର ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ପୁରାଣ ବର୍ଣ୍ଣିତ ଅର୍ଜୁନ ଖୋଲ

# ପର୍ଯ୍ୟଟନସ୍ଥଳୀ ମାନ୍ୟତା କେବେ?

ଗଣିଆ,୨୫ ।୧(ସମିସ)

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ବଣଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ଅର୍ଜୁନ ଖୋଲ । ପୁରାଣ ବର୍ଣ୍ଣିତ ଏହି ପୀଠ ଅନେକ କିମ୍ବଦନ୍ତୀ ବହନ କରୁଥିବା ବେଳେ ଆଜିପର୍ଯ୍ୟନ୍ତ ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହିଯାଇଛି । ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତଠାରୁ ଜଙ୍ଗଲ ମଧ୍ୟ ଦେଇ ଗଲେ ପଡ଼େ ଏହି ମନୋରମ ସ୍ଥାନ । ବର୍ଷତମାମ ଏଠାରେ ଭୋଜିଭାତର ଆସର ଜମେ । ମଠ ପରିସରରେ ଆମିଷ ନିଷେଧ କରାଯାଇଛି । ଏଠାରେ ଏକ ସୁନ୍ଦର ଜଗନ୍ନାଥଙ୍କ ମନ୍ଦିର ଥିବା ବେଳେ ମଠରେ




ବାବାଙ୍କ ପ୍ରଚେଷ୍ଟାରେ ପ୍ରତିବର୍ଷ ଜାନୁଆରୀ ମାସରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୁଏ । ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ଏଠାରେ ଏକ ବିରାଟ ପର୍ବତ ଥିବା ବେଳେ ପର୍ବତ ଉପରେ ଏକ ସ୍ଥାନରେ କଇଁଫୁଲ ଫୁଟୁଥିବା ଦେଖିବାକୁ ମିଳେ । ମଠ ମହନ୍ତ ବାବା ତ୍ରୈଲୋକ୍ୟବାସୀ ଶରଣମ୍ ଏହି ପୀଠର ପୁନରୁଦ୍ଧାର ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ପୀଠର ନାମକରଣ ଅର୍ଜୁନ ଖୋଲ ରଖିବାର ତାତ୍ପର୍ଯ୍ୟ ସମ୍ପର୍କରେ ମତ ଦେଇ ବାବା କହିଛନ୍ତି ଯେ ଅର୍ଜୁନ ଯେତେବେଳେ ଅଜ୍ଞାତ ବନବାସରେ ରହିଥିଲେ । ସେତେବେଳେ ମଣିଭଦ୍ରା ପାହାଡ଼ ଦେଇ ଏହି ସ୍ଥାନରେ ବାସ କରିଥିଲେ । ଏପରିକି ଶୁଦ୍ରମୁନି ସାରଳା ଦାସଙ୍କ ଓଡ଼ିଆ ମହାଭାରତର ମଧ୍ୟପର୍ବରେ ଏହି ଅର୍ଜୁନ ଖୋଲ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଶିବ ଶବର ବେଶରେ ପାର୍ବତୀଙ୍କ ସହ ଏହି ସ୍ଥାନରେ ପରିଭ୍ରମଣ କରୁଥିବା ବେଳେ ଅର୍ଜୁନ ପାର୍ବତୀଙ୍କ ଅତିପ୍ରିୟ ଗଣ୍ଡାକୁ ଏହି ସ୍ଥାନରେ ବଧ କରିଥିଲେ । ପରବର୍ତ୍ତୀ ସମୟରେ ଶିବ ଏବଂ ଅର୍ଜୁନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଶିବ ପରାସ୍ତ ହୋଇଥିଲେ । ଅର୍ଜୁନଙ୍କ ପରାକ୍ରମରେ ଖୁସି ହୋଇ ଶିବ ଅକ୍ଷୟ ତୂଣୀର ଏବଂ ପାଶୁପତ ଶର ଦାନ କରିଥିଲେ । ଏଠାରେ ଶିବଙ୍କ ଶବର ବେଶ ସହିତ ଗଣ୍ଡାବଧର ଚିତ୍ର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଅନେକ କିମ୍ବଦନ୍ତୀ ବହନ କରୁଥିବା ଏହି ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ପୀଠର ଉନ୍ନତୀକରଣ, ସ୍ଥାୟୀ ରାସ୍ତା, ପାନୀୟ ଜଳ ଯୋଗାଣ, ମୋବାଇଲ ଟାୱାର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରିବା ସହ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ



ଖୋର୍ଦ୍ଧା,୨୫ା୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬ତମ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ଭାରତ ବିଶ୍ୱରେ ସବୁଠାରୁ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଆମର ପବିତ୍ର ଗଣତନ୍ତ୍ର ବିଶ୍ୱରେ ଅନନ୍ୟ। ନିର୍ବାଚନ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆମେ ଆମ ପ୍ରତିନିଧିଙ୍କୁ ବାଛି ଶାସନ କରିବା ପାଇଁ ନିର୍ବାଚିତ କରୁ। ଏଣୁ ସମସ୍ତ ନାଗରିକ ବିଶେଷ ଭାବରେ ଯୁବ ଭୋଟର କୌଣସି ପ୍ରଲୋଭନରେ ଶିକାର ନହୋଇ ରାଷ୍ଟ୍ର ନିର୍ମାଣରେ ନିଜର ଅମୂଲ୍ୟ ମତଦାନ ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ଉପଜିଲ୍ଲାପାଳ କିଶୋର ପଣ୍ଡା ଭୋଟର ସଚେତନତା ଦିବସ ପାଳନ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାସ୍ତରୀୟ ଭୋଟର ସଚେତନତା ପ୍ରାଚୀର ପତ୍ର ତିଆରି, ବକ୍ତୃତା ପ୍ରତିଯୋଗିତା, ରଙ୍ଗୋଲି, କୁଇଜ୍ ପ୍ରତିଯୋଗିତାର ଶ୍ରେଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଦିବସ ଉପଲକ୍ଷେ ମୁଖ୍ୟ ଅତିଥି ଭୋଟର ସଚେତନତା ଶପଥ ପାଠ କରାଇଥିଲେ। ଏହି ଦିବସ ଉପଲକ୍ଷେ ପୂର୍ବାହ୍ନରେ ଏକ ଭୋଟର ସଚେତନତା ଶୋଭାଯାତ୍ରା ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ପଲା ହାଟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁନଶ୍ଚ ଜିଲ୍ଲା ପାଳାଙ୍କ କାର୍ଯ୍ୟାଳୟ ପରିସରରେ ପହଁଚିଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ଉପଜିଲ୍ଲାପାଳ ଶ୍ରୀ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ୪୦ ବର୍ଷର ପୁରାତନ ପୋଲ ଭୁଶୁଡ଼ିଲା

ବାଣପୁର,୨୫ ।୧(ସମିସ) : ବାଣପୁର ଥାନା ଅନ୍ତର୍ଗତ ତୋରସିଂ ଓ ରୁଅପଡା ଗ୍ରାମର ମଝି ରାସ୍ତାରେ ଥିବା ବହୁ ପୁରାତନ ପୋଲଟି ରବିବାର ଭୁଶୁଡି ପଡିଛି। ଫଳରେ ସେହି ସମୟରେ ଉକ୍ତ ପୋଲ ଦେଇ ଯାଉଥିବା ଏକ ମାଟି ବୋଝେଇ ହାଇୱା ଫସି ରହିଛି। ତେବେ ହାଇୱାର ଡ୍ରାଇଭର ଓ ହେଲପର ଏକ ବଡଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବର୍ତ୍ତମାନ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ତୋରସିଂ ଓ ରୁଅପଡା ଗ୍ରାମ ମଝି ରାସ୍ତାରେ ଥିବା ହାତିଆନାଳ ପୋଲଟି ଦୀର୍ଘ ୪୦ ବର୍ଷରୁ ଅଧିକ ପୁରାତନ ହୋଇ ଥିବାରୁ ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ସ୍ଥାନୀୟ ଲୋକ ଉକ୍ତ ପୋଲକୁ ପୁନଃନିର୍ମାଣ କରିବା ପାଇଁ ବାରମ୍ବାର ଦାବି କରି ଆସୁଥିବା ବେଳେ ପୂର୍ବ ବିଜେଡି ସରକାର ସମୟରେ ସେଠାରେ ରାସ୍ତା ସହ ଏକ ନୂତନ ପୋଲ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ୨କୋଟି ୩୯ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ଅଟକଳରେ ୨୦୨୧ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ୨୦୨୨ ମସିହାରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସମୟ



ଧାର୍ଯ୍ୟ ହୋଇଥିଲା। ହେଲେ କୌଣସି କାରଣ ବଶତଃ ଠିକାଦାର ଜଣକ ଉକ୍ତ କାମକୁ ଅଧପନ୍ତରିଆ ଭାବେ କରି ଛାଡି ପଳାଇ ଥିଲେ। ପୋଲଟି ଜରାଜୀର୍ଣ୍ଣ ହାଇୱାରେ ବେଆଇନ ଭାବେ ମାଙ୍କଡା, ମୋରମ ଓ ମାଟି ଚୋରା ଚାଲାଣ ଚଲିଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ।

**➤ ଫସିଲା ମାଟି ବୋଝେଇ ହାଇୱା**
**➤ ୧୦ ଗ୍ରାମର ଲୋକଙ୍କ ଯାତାୟାତ ଠପ୍**

ହୋଇ ପଡି ବିପଦସଂକୁଳ ଅବସ୍ଥାରେ ରହିଥିବା ସ୍ଥଳେ ସେହି ପୋଲ ଉପରେ ଭାରିଯାନ ଯାତାୟାତ ଲାଗି ସମ୍ପୂର୍ଣ୍ଣ ଅନୁପୋଯୋଗୀ ହୋଇ ପଡି ଥିଲା। ହେଲେ ଉକ୍ତ ରାସ୍ତା ଦେଇ ସଦାସର୍ବଦା ମାତ୍ର ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନଥିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ରବିବାର ସକାଳୁ ଏକ ମାଟି ବୋଝେଇ ହାଇୱା ଗମ୍ଭାରୀମୁଣ୍ଡାରୁ ବାହାରି ଉକ୍ତ ପୋଲ ଉପର ଦେଇ ବାଣପୁର ଯାଉଥିବା ବେଳେ ହଠାତ ପୋଲଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡି ଦୁଇ ଭାଗ ହୋଇ ଯାଇ ଥିଲା। ହାଇୱାଟି ଉକ୍ତ ଭଙ୍ଗା ପୋଲ ମଧ୍ୟରେ ଫସି ରହିଥିବା ବେଳେ ଘଟଣା ସ୍ଥଳରୁ ହାଇୱାର ଡ୍ରାଇଭର ଓ ହେଲପର ଗାଡି ଛାଡି ଫେରାର ହୋଇ ଯାଇଥିଲେ। ଖବର ପାଇ ବାଣପୁର ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ଉଦ୍ୟମ ଚଳାଇବା ସହ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପକ୍ଷେ ଉକ୍ତ ରାସ୍ତା ଉପରେ ଦୈନନ୍ଦିନ ୧୦ରୁ ଉର୍ଦ୍ଧ ଗ୍ରାମର ଲୋକେ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ପୋଲଟି ଭାଙ୍ଗି ଯିବାରେ ଉକ୍ତ ରସ୍ତାରେ ଯାତାୟାତ ସମ୍ପୂର୍ଣ ଠପ ହୋଇଯାଇଛି। ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରି ଠିକାଦାର ଜଣକ ପଳାଇ ଯାଇଥିବା ବେଳେ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ନ ଦେବାରୁ ବର୍ତ୍ତମାନ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦୃଢ ଦାବି କରିଛନ୍ତି ଅଞ୍ଚଳବାସୀ।

## ଫସଲ ଉଜାଡ଼ିଲେ ହାତୀ, ଚିନ୍ତାରେ ଚାଷୀ

ବେଗୁନିଆ,୨୫ା୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ଓ ଗୋବିନ୍ଦପୁର ପଞ୍ଚାୟତରେ ହାତୀ ଉପଦ୍ରବ କରି ପରିବା ଫସଲ ସହ ଅମଳ ହୋଇ ରହିଥିବା ଧାନ ବସ୍ତାକୁ ନଷ୍ଟ କରୁଛନ୍ତି। ଏହି ୧୭ ଟିକିଆ ହାତୀପଲକୁ ଘଉଡ଼ାଇବାରେ ବନ ବିଭାଗ କର୍ମଚାରୀ ଅସମର୍ଥ ହୋଇ ପଡୁଛନ୍ତି। ଯାହା ଫଳରେ ସନ୍ଧ୍ୟା ନଇଁଲେ ହାତୀ ମାନଙ୍କୁ ସୁରକ୍ଷା ଦେବା ପାଇଁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରା ଯାଇଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଆସନ୍ତା ଫେବୃଆରୀ ମାସ ୧୯ ରିଖରେ ମାଟ୍ରିକ ପରୀକ୍ଷା ହେଉଥିବା ବେଳେ ହାତୀର ଆଳ ଦେଖାଇ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠ ପଢିବାରେ ବ୍ୟାଘାତ ସୃଷ୍ଟି ହେଉଛି। ତୁରନ୍ତ ବନ୍ ବିଭାଗ ହାତୀ ଗୁଡ଼ିକ ଘଉଡାଇ ପଦକ୍ଷେପ ନେବାକୁ ଦାବୀ ହେଉଛି।

## ୨୦୦୮ ବ୍ୟାଚ୍ ବନ୍ଧୁମିଳନ

ନିରାକାରପୁର, ୨୫ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ପଞ୍ଚାୟତ ତୋଟାଭାଗବତୀ ପୀଠରେ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ର ୨୦୦୮ ମସିହା ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ଉଦୟନାଥ ତ୍ରିପାଠୀ, ଉମେଶ ଚନ୍ଦ୍ର ମିଶ୍ର, ହାଡ଼ିବନ୍ଧୁ ବାରିକ ଓ ଶିକ୍ଷୟିତ୍ରୀ ଶାନ୍ତିଲତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସୁଜିତ୍ ବିଶ୍ୱାଳ, ପ୍ରହଲ୍ଲାଦ ବେହେରା, ତାରା ଶଙ୍କର ବଳବନ୍ତରାୟ, ବ୍ରହ୍ମାନନ୍ଦ ଦାସ, ଟୁଲୁ ସାହୁ, ଶ୍ରୀକାନ୍ତ ଜଗଦେବ, ମୃତ୍ୟୁଞ୍ଜୟରାଉତରାୟଓରାଜେଶପ୍ରତିହାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ନାଟ୍ୟ ମେଳାରେ କଳାକାର ଦମ୍ପତି ସମ୍ବର୍ଦ୍ଧିତ

ଟାଙ୍ଗୀ,୨୫ା୧(ସମିସ) : କଟକ କଳାବିକାଶ କେନ୍ଦ୍ର ରଙ୍ଗମଞ୍ଚରେ ଥିଏଟର ମୁଭ୍ ମେଣ୍ଟ୍ ପକ୍ଷରୁ ଆୟୋଜିତ ୨୮ତମ ବିଶ୍ୱ ନାଟ୍ୟ ମେଳାରେ ଚିଲିକା ଅଞ୍ଚଳର




କଳାକାର ଦମ୍ପତି ପ୍ରମୋଦ କୁମାର ସ୍ୱାଇଁ ଓ ରଞ୍ଜୁବାଳା ଚମ୍ପତିରାୟ ସମ୍ବର୍ଦ୍ଧିତ ହୋଇଛନ୍ତି। ନାଟ୍ୟ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ ତାଙ୍କର ନିରବଚ୍ଛିନ୍ନ ନାଟ୍ୟ ନିର୍ଦ୍ଦେଶନା ପାଇଁ ଲାଇଫ୍ ଆଚିଭମେଣ୍ଟ ଆୱାର୍ଡ ଲାଭ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ତଥା ତାଙ୍କର ସହ ଧର୍ମିଣୀ ରଞ୍ଜୁବାଳା ଚମ୍ପତିରାୟଙ୍କୁ କଳା ଭୂଷଣ ଉପାଧି ପ୍ରଦାନ କରାଯାଇଛି। ଏହି କଳାକାର ଦମ୍ପତି ଚିଲିକା ବାଣପୁର ଅଞ୍ଚଳର ପ୍ରମୁଖ ନାଟ୍ୟାନୁଷ୍ଠାନ କଳିଙ୍ଗ କନ୍ୟା କଳା ପରିଷଦ ମାଧ୍ୟମରେ ଓଡ଼ିଆ ଗୀତିନାଟ୍ୟ ଧାରାକୁ ବଜାୟ ରଖି ପାରିଛନ୍ତି। ଚଳିତ ବର୍ଷ ଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏବଂ ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ରଚିତ ଗୀତିନାଟ୍ୟ "ଅହି ନନ୍ଦିନୀ' ବିଶ୍ୱ ନାଟ୍ୟ ମେଳାରେ ପ୍ରଦର୍ଶିତ ହୋଇ ବେଶ ଉଚ୍ଚ ପ୍ରଶଂସିତ ହୋଇଥିଲା। ଚଳିତ ବିଶ୍ୱ ନାଟ୍ୟ ମେଳା ମଞ୍ଚ ରେ ଥିଏଟର ମୁଭ୍ ମେଣ୍ଟ୍ ର ସାଧାରଣ ସମ୍ପାଦକ ଗୋଲକ ବିହାରୀ ଦାସମହାପାତ୍ର, ଉପଦେଷ୍ଟା ପ୍ରାକ୍ତନ ନ୍ୟାୟ ମୂର୍ତ୍ତି ଜଷ୍ଟିସ ଏ ଏସ୍ ଏନ୍ ନାଇଡୁ, ରାଜ୍ୟ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବିଶିଷ୍ଟ ନାଟ୍ୟକାର ନାରାୟଣ ସାହୁ ପ୍ରମୁଖ ନାଟ୍ୟ ସାଧନା ପାଇଁ ଏହି କଳାକାର ଦମ୍ପତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଜାତୀୟ ମତଦାତା ଦିବସ

ନିରାକାରପୁର,୨୫ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନିରାକାରପୁର, ଡିଆ ପଞ୍ଚାୟତରେ ୧୬ତମ ମତଦାତା ଦିବସରେ ଥିବା ସମସ୍ତ ବୁଥ ର ଭୋଟର ମାନଙ୍କୁ ନେଇ ମତଦାତାଙ୍କୁ ସଂକଳ୍ପ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସୁପରଭାଇଜର ଅମର କୁମାର ଜୟସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଏଲଓ ମଳୟ କୁମାର ମଙ୍ଗରାଜ, ପ୍ରଣତୀ ବେହେରା, ସଂଯୁକ୍ତା ପଟ୍ଟନାୟକ, ପ୍ରଭାତୀ ସାହୁ, ଅମ୍ଲାନ ପ୍ରହରାଜ, ପ୍ରସନ୍ନ କୁମାର ପଣ୍ଡିତ, ମଞ୍ଜୁଲତା ଦେଇ, ମନୋରମା ରାଉତରାୟ, ଶକୁନ୍ତଳା ବରାଳ ଏଥିରେ ଉପସ୍ଥିତ ଥିଲେ।




## କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ; ଭାଲିଆବାଡି ଚାମ୍ପିଅନ୍

ଖୋର୍ଦ୍ଧା,୨୫ା୧(ସମିସ): ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡିଆ ଠାରେ ଚାଲିଥିବା ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଟ ଆଜି ଉଦଯାପିତ ହୋଇଛି। ଫାଇନାଲ ଖେଳ ଭାଲିଆବାଡି ଏବଂ ପାଇକତିଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୪-୧ ଟାଇବ୍ରେକର ଗୋଲରେ ଭାଲିଆବାଡି ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଏହି ଖେଳକୁ ମୁଖ୍ୟ ରେଫେରି ଭାବେ ସଗିର ଅହମଦ ପରିଚାଳନା କରୁଥିବା ବେଳେ ତାଙ୍କୁ ଲାଇନରେ ସୌକତ ଅହମଦ ଏବଂ ଅମଜାଦ ଖାଁ ସହଯୋଗ କରିଥିଲେ । ଚତୁର୍ଥ ରେଫେରି ଭାବେ ବିଦେଶୀ ନାୟକ ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେରଙ୍ଗ ସରପଞ୍ଚ ମବରୁର ହୁସେନ, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ସମାଜସେବୀ ବାପିଭାଇ, ସାରୁଅ ପୂର୍ବତନ ସରପଂଚ ଶିବ ପ୍ରସାଦ ବେହେରା, ଉପସରପଞ୍ଚ ରଘୁନାଥ ଦଳେଇ ଏବଂ ମୁଜଫର ଅହମଦ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଚାମ୍ପିଅନ ଓ ରନର୍ସ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା।



## ସର୍ବଭାରତୀୟ ଭଗବତୀ ଫୁଟବଲ; ଏଫ୍ଏଫ୍ଏ ମଣିପୁର ଚାମ୍ପିଅନ

ନିରାକାରପୁର, ୨୫ା୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୩ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜିର ଫାଇନାଲ ମ୍ୟାଚରେ ଏ୯ ଏକାଡେମୀ, କଲିକତା ଓ ଏଫ୍ ଏଫ୍ ଏ ମଣିପୁର, ଇଫାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି



କାହାରିକୁ ଗୋଲ ଦେଇପାରିନଥିଲେ। ପରେ ଟାଇବ୍ରେକର ଜରିଆରେ ପୁନର୍ବାର ଅମିମାଂସିତ ହେଲା ପରେ ସଡନ ଡେଥରେ ୫-୪ ଗୋଲରେ ଏ୯ ଏକାଡେମୀ, କଲିକତାକୁ ଏଫ୍ ଏଫ୍ ଏ ମଣିପୁର, ଇଫାଲ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଆଜିର ଖେଳକୁ ଶିବ ଶଙ୍କର ପଣ୍ଡା, ଏମ ଏସ ବେଗ, ଶିବ ସାମନ୍ତରାୟ ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ବିଶିଷ୍ଟ ସମାଜସେବୀ ଦେବରାଜ ବରିସଲ, ବିଜେଡି ନେତା ଅମିର ମହମ୍ମଦ, କାଉନସିଲର ଅମିୟ ମହାନ୍ତି, ସମାଜସେବୀ ସୁକାନ୍ତ ବଳିଆରସିଂହ, ରାମଚନ୍ଦ୍ର ପ୍ରଧାନ, ଲଲାଟେନ୍ଦୁ ନାୟକ, ବୀରେନ ମହାପାତ୍ର, ଏସ କେ ଶକୁନ, ନବ କିଶୋର ପ୍ରଧାନ, ପବିତ୍ର ପାଇକରାୟ, ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଯୁବ ସମାଜସେବୀ ଦୁର୍ଗା ମାଧବ ରାୟ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର ଓ କୋଷାଧକ୍ଷ ଶେଖ୍ ଇସ୍ରାଏଲ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ୨୮ ରୁ ଭଗବତୀପୁର ମୌଜାରେ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୨୫ ।୧(ସମିସ) : ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲ ଅନ୍ତର୍ଗତ ସୋରଣ ରାଜସ୍ୱ ସର୍କଲ ଅଧିନ ଭଗବତୀପୁର ମୌଜା ଗୋଚର ଜମିକୁ ଜବରଦଖଲ କରି ଦୀର୍ଘ ବର୍ଷ ଧରି ବସବାସ କରୁଥିବା ୪୫ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇ ଥିବା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ସୂଚନା ଦେଇଛନ୍ତି। ତଦାନୁଯାୟୀ ପ୍ରଶାସନ ପକ୍ଷରୁ ଆସନ୍ତା ୨୮ ରୁ ଉକ୍ତ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯିବାକୁ ଥିବା ବେଳେ ୩ ତାରିଖ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ଜାରି ରହିବ।

ସୂଚନା ମୁତାବକ, ଭଗବତୀପୁର ମୌଜା, ଗୋଚର କିସମର ସରକାରୀ ଜମି ଖାତା ନଂ- ୧୦୯୬, ପ୍ଲଟ ନଂ- ୨୧୧୫ ଏବଂ ୨୧୨୧ରେ ୪୫ ଜଣ ବ୍ୟକ୍ତି ବିଶେଷ ଉକ୍ତ ସରକାରୀ ଜମିରେ ବେଆଇନ ଭାବେ ବାସଗୃହ ଏବଂ ଦୋକାନ ଗୃହ ନିର୍ମାଣ କରି ବସବାସ କରିଆସୁଛନ୍ତି। ଏହା ବିରୋଧରେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଏକ ପିଟିସନ ଦାୟର ହୋଇଥିବା ବେଳେ ଉକ୍ତ ମାମଲାର ବିଚାର କରି ଓଡିଶା ହାଇକୋର୍ଟଙ୍କ ଡବ୍ଲୁପି(ସି ) ଚିଠି ନଂ- ୭୮୨୪/୨୦୧୪ ଜରିଆରେ ସମ୍ପୃକ୍ତ ୪୫ଜଣ ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶ ଅନୁଯାୟୀ ଚିଲିକା ତହସିଲ ପକ୍ଷରୁ ପୂର୍ବରୁ ଗତ ମାସ

**ଚିଲିକା ତହସିଲ ପକ୍ଷରୁ ୪୫ ଜଣଙ୍କୁ ନୋଟିସ**

୧୭ ତାରିଖ ଏବଂ ଚଳିତ ମାସ ୧୯ ତାରିଖରେ ଦୁଇ ଦୁଇ ଥର ଜବରଦଖଲ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। ହେଲେ କୌଣସି କାରଣବଶତଃ ଧାର୍ଯ୍ୟ ଦିବସରେ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହି ଥିଲା। ତେବେ ରବିବାର ପୁନର୍ବାର ନୋଟିସ ଜାରି କରାଯାଇ ଆସନ୍ତା ୨୭ ତାରିଖ ସୁଦ୍ଧା ଅବରୋଧ କରିଥିବା ଉକ୍ତ ସରକାରୀ ଜମିରୁ ଶସ୍ୟ କିମ୍ବା ଫସଲ ତଥା ସେଥିରେ ନିର୍ମାଣ କରାଯାଇ ଥିବା ବାସଗୃହ ଓ ଦୋକାନ ଗୃହକୁ ଜବରଦଖଲ ମୁକ୍ତ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରେ ରଖି ଉଚ୍ଛେଦ କାର୍ଯ୍ୟ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମାଜିଷ୍ଟ୍ରେଟଙ୍କ ସମେତ ୨୦ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହିବେ ବୋଲି ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ କହିଛନ୍ତି।



